# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 06th April - 2025

**********************************

*Desk*

## ରାଷ୍ଟ୍ରପତି - ୱାକଫ୍ ବିଲ୍

ୱାକଫ୍ ସଂଶୋଧନ ବିଲ୍ - ଉମ୍ମିଦ୍, ୨୦୨୫କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ କରିଛନ୍ତି । ଏହାପରେ ଏ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ । ସୂଚନାଯୋଗ୍ୟ, ସଂସଦର ଉଭୟ ସଦନରେ ୧୨ ଘଣ୍ଟାରୁ ଅଧିକ କାଳ ଆଲୋଚନା ପରେ ଏହି ବିଲ୍‌ଟି ପାରିତ ହୋଇଥିଲା ।

*Desk*

## ପି.ଏମ୍. ଜନମନ - ଓଡ଼ିଶା

ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ 'ପି.ଏମ୍. ଜନମନ' ଅଧୀନରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟର ୨୬ଟି ସଡ଼କ ଏବଂ ୨ଟି ସେତୁ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରାଯାଇଛି । ଏହି ଯୋଜନା ଅଧୀନରେ ୬୩ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ନିର୍ମାଣ କରାଯିବ । ସଡ଼କ ଏବଂ ସେତୁ ପ୍ରକଳ୍ପପାଇଁ ମନ୍ତ୍ରଣାଳୟ ପକ୍ଷରୁ ୬୯ କୋଟି ୬୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯିବ । ଏପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ

ରାଜ୍ୟପାଇଁ ୨୧୧ କିଲୋମିଟରରୁ ଊର୍ଦ୍ଧ୍ୱ ୬୬ଟି ସଡ଼କ ଏବଂ ୪ଟି ସେତୁ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରାଯାଇଛି । ଏ ବାବଦରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ମୋଟ ୨୧୯ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁରି ପ୍ରଦାନ କରିଛି ।

***Desk***

# ମୁଖ୍ୟମନ୍ତ୍ରୀ – ଜନଶୁଣାଣି

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଭୁବନେଶ୍ୱର ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେଉଥିବା ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

# ମୁଖ୍ୟ ବିଚାରପତି

ଆଇନ ପ୍ରତି ଆଗ୍ରହ ଏବଂ ସାମାଜିକ ପ୍ରତିବଦ୍ଧତା ଯୁବ ଆଇନଜୀବୀଙ୍କୁ ଆଇନ ପେସାର ଶୀର୍ଷସ୍ଥାନରେ ପହଞ୍ଚାଇ ପାରିବ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ୍ କହିଛନ୍ତି । କଟକସ୍ଥିତ ରାଜ୍ୟ ବାର୍ କାଉନ୍‌ସିଲ୍ ସମ୍ମିଳନୀ କକ୍ଷରେ ଓଡ଼ିଶା ଆଇନଜୀବୀ ପରିଷଦ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା

ସମାରୋହରେ ଯୋଗଦେଇ ଜଷ୍ଟିସ୍ ଟଣ୍ଡନ ଏହା କହିଛନ୍ତି । ଏଥିରେ ହାଇକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ପରିଷଦର କର୍ମକର୍ତ୍ତା ଯୋଗ ଦେଇଥିଲେ ।

***Desk***

# ପବିତ୍ର ଶ୍ରୀରାମନବମୀ

ପବିତ୍ର ଶ୍ରୀରାମନବମୀ ଆଜି ଅତ୍ୟନ୍ତ ଶ୍ରଦ୍ଧା ଓ ନିଷ୍ଠାର ସହ ପାଳନ କରାଯାଉଛି । ନବରାତ୍ରର ଶେଷଦିନ ତଥା ଚୈତ୍ରମାସ ଶୁକ୍ଳ ନବମୀରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ଜନ୍ମଦିନ ପାଳନ କରାଯାଇଥାଏ । ଏହି ଅବସରରେ ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ନୀତିକାନ୍ତୀ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କର ଜୀବନାଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ ବୋଲି ରାଷ୍ଟ୍ରପତି କହିଛନ୍ତି ।

***Puri/R***

# ରାମନବମୀ

ପୁରୀ ଶ୍ରୀମନ୍ଦିରରେ ଆଜି ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି । ମଧ୍ୟାହ୍ନ ଧୂପନୀତି ଶେଷ ହେବା ପରେ ଜନ୍ମନୀତି ଅନୁଷ୍ଠିତ ହେବ ।

ଏହି ଗୁପ୍ତନୀତି ସମୟରେ ଗର୍ଭଗୃହର ଜୟ ବିଜୟ ଦ୍ୱାରକୁ ବନ୍ଦ ରଖାଯିବ । ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ରାମନବମୀ ଅବସରରେ ଆଜି ରଥକାଠ ଚିରଟର ଶୁଭ ଅନୁକୁଳ କରାଯିବ । ଏଥିପାଇଁ ଶ୍ରୀଜିଉଙ୍କ ଆଜ୍ଞାମାଳ ସହ ମହାପ୍ରସାଦ ନେଇ ଏକ ସ୍ୱତନ୍ତ୍ର ଦଳ କଟକ ଖପୁରିଆସ୍ଥିତ କରତ କଳରେ ପହଞ୍ଚିବା ପରେ ରଥକାଟ ଚିରଟ ପ୍ରକ୍ରିୟା ଆରମ୍ଭ ହେବ ।

***Bhadrak/R***

# ରାମନବମୀ ଉତ୍ସବ

ରାମନବମୀ ଅବସରରେ ଭଦ୍ରକ ଗାନ୍ଧିପଡ଼ିଆଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ କଳସ ଶୋଭାଯାତ୍ରା ଏବଂ ହନୁମାନ ଚାଳିଶା ପାଠ ଓ ଯଜ୍ଞ ଚାଲିଛି । ଏଥିରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସମାରୋହର ବରିଷ୍ଠ ଉପଦେଷ୍ଟା ମନମୋହନ ସାମଲ ପ୍ରମୁଖ ଯୋଗ ଦେଇଛନ୍ତି ।

*Desk*

# ରୁକୁଣା ରଥ

ଅଶୋକାଷ୍ଟମୀ ଅବସରରେ ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ କାଲି ମହାଖଳାରୁ ବାହାରି ରାମେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ମୈତ୍ରେଶ୍ୱର ମନ୍ଦିର ତଥା ପାପନାଶିନୀ ପୁଷ୍କରିଣୀ ନିକଟରେ ସନ୍ଧ୍ୟା ହୋଇଯିବାରୁ ରଥ ଅଟକି ରହିଛନ୍ତି । ଆଜି ନୀତିକାନ୍ତି ଶେଷ ହେବା ପରେ ଅପରାହ୍ଣ ୨ଟାରୁ ରଥଟଣା ଆରମ୍ଭ ହେବ ।

*Desk*

# ଓଡ଼ିଆ ପକ୍ଷ

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ-୨୦୨୫ର ଷଷ୍ଠ ଦିବସ ପାଳନ ପରିପ୍ରେକ୍ଷୀରେ ଆଜି ରାଜ୍ୟର ଦେବାଳୟ ଏବଂ ଐତିହ୍ୟସ୍ଥଳୀଗୁଡ଼ିକୁ ସ୍ୱଚ୍ଛ ରଖିବା ଲକ୍ଷ୍ୟ ନେଇ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଉଛି । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

*Desk*

## ଯୋଗଦିବସ - ପ୍ରସ୍ତୁତି ବୈଠକ

ଅନ୍ତର୍ଜାତୀୟ ଯୋଗଦିବସ ପାଳନର ପ୍ରସ୍ତୁତି ନେଇ ଆଜି ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଯୁଗ୍ମ ସଚିବ ମୋନାଲିସା ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବେ। ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ଜୁନ୍ ମାସ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଆସୁଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷର ଯୋଗ ଦିବସର ବିଷୟବସ୍ତୁ 'ଗୋଟିଏ ପୃଥିବୀ ଓ ସ୍ୱାସ୍ଥ୍ୟ ପାଇଁ ଯୋଗ' ଘୋଷଣା କରିଥିଲେ।

*Desk*

## ପାଣିପାଗ

ବଙ୍ଗୋପ ସାଗରରୁ ପ୍ରବାହିତ ଆର୍ଦ୍ରବାୟୁ ଏବଂ ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ବାୟୁ ଫଳରେ ରାଜ୍ୟର ସ୍ଥାନରେ ବର୍ଷା ହେଉଥିବାବେଳେ ଅନ୍ୟ ସ୍ଥାନରେ ଗରମ ଏବଂ ଗୁଳୁଗୁଳି ଅନୁଭୂତ ହେଉଛି । ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଗତକାଲି ରାଜ୍ୟର ୩ଟି ସ୍ଥାନରେ ଦିନ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ

ରେକର୍ଡ଼ କରାଯାଇଛି । ସର୍ବାଧିକ ଦିନ ତାପମାତ୍ରା ୪୦ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ଟିଟିଲାଗଡ଼ଠାରେ ରେକର୍ଡ଼ କରାଯାଇଥିଲା ।

*****